**ଶହୀଦଙ୍କ ପାଇଁ ଦୀପ ଜାଳିଲା ଏବିଭିପି**

କେନ୍ଦୁଝର, (ସ୍ୱ.ପ୍ର.): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କେନ୍ଦୁଝର ନଗର ପକ୍ଷରୁ ସୋମବାର ପୁଲୱାମା ଶହୀଦ ଦିବସ ପାଳନ କରାଯାଇଛି। ପରିଷଦର କାର୍ଯ୍ୟକର୍ତ୍ତାମାନେ ଶ୍ରୀରାମ ମନ୍ଦିର ସମ୍ମୁଖରେ ଶହୀଦ ଯବାନଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମରେ ଆମର ଶହୀଦ ଜ୍ୟୋତିରେ ୩୦୦ ଦୀପ ପ୍ରଜ୍ୱଳନ କରିଛନ୍ତି। ଜିଲା ପ୍ରମୁଖ ଶ୍ରବଣ ସେଠୀ, ଜିଲା ସଂଯୋଜକ ଜ୍ୟୋତି ନାଥ, ନଗର ଶାଖାର ବିଭିନ୍ନ କ୍ୟାମ୍ପସର ଛାତ୍ରୀଛାତ୍ର ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ କ୍ୟାମ୍ପସରେ ଏହି ଦିବସ ପାଳନ କରିଥିଲେ।

## ସଂକ୍ଷେପରେ

### ଶିମିଳିପାଳରୁ ୪ ଶିକାରୀ ଗିରଫ

ଖୁଣ୍ଟା, ୧୪।୨(ଡି.ଏନ.ଏ.): ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରୁ ବନ କର୍ମଚାରୀ ୪ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୧ କିଲୋ ବେଲେରା ମୂଷା ମାଂସ ସମେତ ବିଭିନ୍ନ ଶିକାର ସରଞ୍ଜାମ ଜବତ କରାଯାଇଛି। ଶିକାରୀମାନେ ହେଲେ ଉଦଳା ଥାନା ଅଧୀନ ମାଣିକପୁର ଗ୍ରାମର ରଘୁନାଥ ଟୁଡୁ, ରୂପାୟ କିସ୍କୁ, ଠାକୁରା ସରେନ ଓ ଦାଖିନ ଟୁଡୁ।

### ପୌରପାଳିକା ନିର୍ବାଚନ ପାଇଁ ସର୍ବଦଳୀୟ ପ୍ରସ୍ତୁତି ବୈଠକ

ବାରିପଦା ଅଫିସ,୧୪।୨: ବାରିପଦା ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ସର୍ବଦଳୀୟ ପ୍ରସ୍ତୁତି ବୈଠକ ସୋମବାର ପୌରପରିଷଦ ନିର୍ବାଚନ ଅଧିକାରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଦଳର ଜିଲା ଓ ନଗର ସଭାପତିମାନଙ୍କୁ ନେଇ ପ୍ରାରମ୍ଭିକ ଆଲୋଚନା କରାଯାଇଛି । ୨୮ ୱାର୍ଡରେ ପ୍ରକାଶ ପାଇଥିବା ଭୋଟର ତାଲିକାରେ ୮୨ ବୁଥ୍ ତାଲିକା ମଧ ପ୍ରକାଶ ପାଇଛି।

### ୧୫ରୁ କୋର୍ଟ କାର୍ଯ୍ୟରେ ଅସହଯୋଗ କରିବ ଓକିଲ ସଂଘ

ବାରିପଦା ଅଫିସ,୧୪।୨: ମୟୂରଭଞ୍ଜ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର କୋର୍ଟ ପରିସରରେ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରବୀର ବସାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ, ଦଲିଲ ଦସ୍ତାବିଜ ପଞ୍ଜୀକରଣ ଓ ସମସ୍ତ ପ୍ରକାର ରାଜସ୍ୱ କାର୍ଯ୍ୟରୁ ବିରତ ରହିବେ ବୋଲି ନିଷ୍ପତ୍ତି ହୋଇଛି। ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲାର ଓକିଲ ଓ ମୋହରିର ସଂଘ ପକ୍ଷରୁ ସମର୍ଥନ ଜଣାଇବା ପାଇଁ ନିବେଦନ କରାଯାଇଛି। କୋର୍ଟ ପରିସରରେ ନୂତନ ଗୃହ ନିର୍ମାଣ ଦାବି ନେଇ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୁହାଯାଇଛି।

### ଦୀପଦାନ କରି ପ୍ରାର୍ଥୀଙ୍କ ଶୁଭ ମନାସିଲେ

ଖୁଣ୍ଟା, ୧୪।୨ (ଡି.ଏନ.ଏ.)-ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ସୋମବାର ଶେଷ ହୋଇଛି ପ୍ରଚାର। ଏବେ ମତଦାନକୁ ଅପେକ୍ଷା। ଦଳର ସଫଳତା କାମନା କରି ଶତାଧିକ ମହିଳା ମନ୍ଦିରରେ ଦୀପଦାନ କରି ପ୍ରାର୍ଥୀଙ୍କ ଶୁଭ ମନାସିଛନ୍ତି। ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର ୧୩ ନଂ. ଜୋନ୍‌ରେ ସୋମବାର ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ସୁନୀତି ମାରାଣ୍ଡିଙ୍କ ପାଇଁ ବିଜେଡିର ମହିଳା ମୋର୍ଚ୍ଚା ପକ୍ଷରୁ କନ୍ହେଇବନ୍ଧ ନିକଟସ୍ଥ ହନୁମାନ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା।

### ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ ରକ୍ତଦାନ

ବାରିପଦା ଅଫିସ, ୧୪।୨: ୩ ବର୍ଷ ପୂର୍ବେ ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆଜିର ଦିନରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଶହୀଦ ହୋଇଥିବା ଭାରତର ବୀର ଯବାନଙ୍କ ସ୍ମୃତିରେ ସୋମବାର ବାରିପଦାର ତୁଳସୀଚୌରା ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ମଣ୍ଡପଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଗିରିଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୭୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କମିଟି ଉପସଭାପତି ଅନନ୍ତ ଦାସ, ବିବେକାନନ୍ଦ ନାୟକ, ସମ୍ପାଦକ ବାସୁଦେବ ପ୍ରଧାନ, ଲକ୍ଷ୍ମୀନାରାୟଣ ଦାସ, ମନୋଜ ଜେନା, ଅରୁଣ ଘୋଷ, ସରୋଜ ଶତପଥୀ, ଚନ୍ଦ୍ରଶେଖର ଦାସ, ମନୋଜ ବେହେରା, ସତ୍ୟଜିତ କର, ଦିନେଶ ନାୟକ, ସୁବ୍ରତ ମୁଖୀ, ପ୍ରତ୍ୟୁଷ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ କାଉନସିଲରଙ୍କ ପରଲୋକ

ବାସୁଦେବପୁର, ୧୪।୨ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୨ ନଂ. ୱାର୍ଡର ପୂର୍ବତନ କାଉନସିଲର ରାମ କୁମାର ମହାନ୍ତି(୭୦)ଙ୍କର ସୋମବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ଘର ବାସୁଦେବପୁର ପୌରପାଳିକାର ଭୈରବପୁର ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାଶ, ପିସିସିର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ, ସରପଞ୍ଚ ପ୍ରଫୁଲ୍ଲ ପଳିତା, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ମାଗଣା ଯାତ୍ରୀସେବା

## ନରି ଭାଇଙ୍କ ନିଆରା ଦେଶପ୍ରୀତି

ଆନନ୍ଦପୁର, ୧୪।୨(ସ୍ୱ.ପ୍ର.)

ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଯାତ୍ରୀମାନଙ୍କୁ ମାଗଣା ସେବା ଯୋଗାଇ ନିଆରା ଦେଶପ୍ରୀତିର ପରିଚୟ ଦେଇଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ନରେନ୍ଦ୍ର କୁମାର ଯେନା। ନରି ଭାଇ ନାମରେ ସେ ଆଖପାଖ ଅଞ୍ଚଳରେ ଜଣାଶୁଣା। ୧୪ ଓ ୧୫ ତାରିଖ ଦୁଇଦିନ ଧରି ନରି ଭାଇ ନିଜ ଅଟୋ ଯୋଗେ ଯାତ୍ରୀମାନଙ୍କୁ ମାଗଣା ସେବା ଆରମ୍ଭ କରିଛନ୍ତି। ଘସିପୁରା ଝାଡେଶ୍ୱର ମନ୍ଦିର ପରିସରରୁ ସେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏହି ସେବା ସେ ସକାଳ ୭ରୁ ସନ୍ଧ୍ୟା ୭ଟା ଯାଏ ଦୁଇ ଦିନ ଧରି ଯୋଗାଇଦେବାକୁ ସ୍ଥିର କରିଛନ୍ତି। ଭାଲେଣ୍ଟାଇନ୍ ଦିବସକୁ ଶହୀଦ ଦିବସ ଭାବେ ପାଳନ କରିବାକୁ ନରି ଭାଇ ମନସ୍ଥ କରି ଏହି ସେବା ଆରମ୍ଭ କରିଛନ୍ତି। ଆନନ୍ଦପୁର ଫକୀରମୋହନ ବସ୍‌ଷ୍ଟାଣ୍ଡଠାରୁ ଉପଖଣ୍ଡ ଚିକିତ୍ସାଳୟ, ଆନନ୍ଦପୁର କଲେଜ ଏବଂ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଗଣା ସେବା ଯୋଗାଇଦେଉଛନ୍ତି। ଏହାସହିତ ଆନନ୍ଦପୁର ବ୍ରିଜଛକ, ଶାଳପଡା ବାଇପାସ୍ ଛକ, ଖପରାଖାଇ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ମାଗଣାରେ ସେବା ଯୋଗାଇଦିଆଯିବ। କିଛିବର୍ଷ ହେବ ସେ ଏଭଳି ମହତ କାର୍ଯ୍ୟ କରିଆସୁଛନ୍ତି। ୨୦୨୧ରେ ନରି ଭାଇ ୩ଦିନ ଧରି ମାଗଣା ସେବା ଯୋଗାଇ ଦେଇଥିଲେ।



# ଦୋକାନ ଭିତରକୁ ମାଡ଼ିଗଲା ବସ୍

## ୪ ଆହତ, ଜଣେ ଗୁରୁତର

ଉଦଳା, ୧୪।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ବୃନ୍ଦାଗଡି ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଦୋକାନ ଭିତରକୁ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ବସ୍‌ଟି ସାରସକଣାରୁ ଭୁବନେଶ୍ୱର ଭାୟା ଉଦଳା ହୋଇ ଯାଉଥିବା ବେଳେ ବୃନ୍ଦାଗଡ଼ି ଛକ ନିକଟରେ ଜଣେ ବାଇକ୍ ଆରୋହୀ ସାମ୍ନାକୁ ଚାଲି ଆସିଥିଲେ। ବସ୍ ଡ୍ରାଇଭର ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ବାଇକ୍ ଆରୋହୀଙ୍କୁ ଧକ୍କା ଦେବା ସହ ବସ୍‌ଟି ରାସ୍ତାପାର୍ଶ୍ୱରେ ଥିବା ଉକ୍ତ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ବସ୍‌ରେ ଥିବା ଦୁଇଜଣ ଯାତ୍ରୀ ଓ ଡ୍ରାଇଭର ଆହତ ହୋଇଥିବା ବେଳେ ବାଇକ୍ ଆରୋହୀଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ବାଇକ୍ ଆରୋହୀ ହେଲେ ଉଦଳା ଥାନା ଅଧୀନ ଅଣ୍ଡିଆମୁଣ୍ଡି ଗ୍ରାମର ଲକ୍ଷ୍ମଣ ଚରଣ ମୁର୍ମୁ। ତାଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ୮୩୮ ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ଭଦ୍ରକ ଅଫିସ, ୧୪।୨

ଭଦ୍ରକ ଜିଲାର ସଦର ଓ ବନ୍ତ ବ୍ଲକରେ ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ସଦର ବ୍ଲକର ୩୬ ପଞ୍ଚାୟତ ଲାଗି ସମୁଦାୟ ୫ଶହ ବୁଥ୍ ଓ ବନ୍ତ ବ୍ଲକର ୨୫ ପଞ୍ଚାୟତ ପାଇଁ ୩୩୮ ମୋଟ ୮୩୮ ବୁଥ୍‌କୁ ପୋଲିଂ ପାର୍ଟି ପଠାଯାଇଛି। ସଦର ବ୍ଲକ ନିମନ୍ତେ ଭଦ୍ରକ କଲେଜ ଓ ବନ୍ତ ପାଇଁ ବ୍ଲକ ପରିସରରେ ବିତରଣ କେନ୍ଦ୍ର ଖୋଲାଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ତ୍ରିଲୋଚନ ମାଝିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁ ରହିଛି। ଏସ୍‌ପି ଚରଣ ସିଂ ମୀନା ଏହି କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ରହି ତଦାରଖ କରୁଛନ୍ତି। ପ୍ରତି ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଧିକାରୀ, ଜଣେ ପ୍ରଥମ ପୋଲିଂ ଓ ଜଣେ ଦ୍ୱିତୀୟ ପୋଲିଂ ଅଧିକାରୀ ସହ ଜଣେ ପୋଲିସ କର୍ମଚାରୀ ବ୍ୟବସ୍ଥା କରାଯାଇଛି। ଉତ୍ତେଜନା ପ୍ରବଣ ବୁଥ୍ ନିମନ୍ତେ ଦୁଇଜଣ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଭଦ୍ରକ ବ୍ଲକରେ ୬୮ ଓ ବନ୍ତରେ ୫୮ଟି ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ କରାଯାଇଛି। ସେହିପରି ବୁଥ୍‌ଗୁଡ଼ିକରେ ମତଦାନ କାର୍ଯ୍ୟର ସୁପରିଚାଳନା ସକାଶେ ଭଦ୍ରକ ବ୍ଲକର ୩୬ ପଞ୍ଚାୟତ ପାଇଁ ୩୬ ସେକ୍ଟର ଅଫିସର ଓ ବନ୍ତ ପାଇଁ ୨୫ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ବ୍ଲକ ସଦର ମହକୁମାରେ ୨ଟି ଲେଖାଏ ମହିଳା ବୁଥ୍ କରାଯାଇଛି। ସେଥିରୁ ଗୋଟିଏ ବୁଥ୍‌ରେ ପୋଲିସ ସହ ସମସ୍ତ ମହିଳା ପୋଲିଂ କର୍ମଚାରୀ ରହିବେ ଏବଂ ଅନ୍ୟଟିରେ ଅତିକମ୍‌ରେ ଦୁଇଜଣ ମହିଳା ପୋଲିଂ କର୍ମଚାରୀ ରହିବେ ବୋଲି ସୂଚନା ମିଳିଛି।

# ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

ସାରସକଣା,୧୪।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଭୁରୁଷାଣି ଗ୍ରାମ ନିକଟସ୍ଥ ଏକ ନାଳ ପାଖରୁ ସୋମବାର ଅପରାହ୍ନରେ ସହଦେବ ମହାନ୍ତ ନାମକ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ସହଦେବଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ହିରନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ବାପା ସକାଳୁ ଶୌଚ ହେବାକୁ ନିଜ ବିଲ ପାଖ ନାଳକୁ ଯାଇଥିଲେ। କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏନେଇ ଖାରପୋଖରିଆ ପୋଲିସ ଓ ବାରିପଦାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ଦୁର୍ବୃତ୍ତଙ୍କ ଚପଲ ମିଳିଥିବା ବେଳେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ହତ୍ୟା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୨) ରୁଜୁ କରାଯାଇଛି।

# ପ୍ରାର୍ଥୀଙ୍କ କାର୍ଯ୍ୟଦକ୍ଷତା ହେବ ନିର୍ଣ୍ଣାୟକ



ସମିତିସଭ୍ୟ ପ୍ରାର୍ଥୀ ପ୍ରଣୀତକାନ୍ତି ସାମଲ ଭୋଟରଙ୍କୁ ପୁସିଂ କାର୍ଡ ବାଣ୍ଟୁଛନ୍ତି।

ଭଣ୍ଡାରିପୋଖରୀ,୧୪।୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବର୍ଯ୍ୟାଁବନାପୁର ପଞ୍ଚାୟତ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବା ପାଇଁ ଘର ଘର ବୁଲି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସାନପୁଅ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣୀତକାନ୍ତି ସାମଲ ସମିତିସଭ୍ୟ ପ୍ରାର୍ଥୀ ହୋଇଛନ୍ତି। ତାଙ୍କୁ ଟକ୍କର ଦେଉଛନ୍ତି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ। ସେହିପରି ସରପଞ୍ଚ ପଦ ପାଇଁ ଏହି ପଞ୍ଚାୟତର ବର୍ତ୍ତମାନର ସମିତିସଭ୍ୟ ତଥା ବ୍ଲକ ଯୁବ ବିଜେଡି ସଭାପତି ଲଳିତ କୁମାର ରାଉତଙ୍କ ସ୍ତ୍ରୀ ସ୍ମିତାରେଖା ରାଉତ ନିର୍ବାଚନ ଲଢୁଛନ୍ତି। ବର୍ତ୍ତମାନର ସରପଞ୍ଚ ପ୍ରଶାନ୍ତ ସାହୁଙ୍କ ସ୍ତ୍ରୀ ମିନତି ସାହୁ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଭୟ ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ କଡ଼ା ଟକ୍କର ଚାଲିଛି। କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ଲାଗି ଜିଲା ସଭାପତି ସୁବ୍ରତ ଦାସ ପ୍ରଚାର କରିଛନ୍ତି। ପଞ୍ଚାୟତର ବିକାଶ ପାଇଁ ପ୍ରଣୀତକାନ୍ତି ଭୋଟ୍ ଭିକ୍ଷା କରୁଥିବା ବେଳେ ସ୍ମିତାରେଖା ବିକାଶ ଯାହା ବାକି ରହିଛି, ତାହା କରିବା ପାଇଁ ବଦ୍ଧପରିକର ବୋଲି କହି ଭୋଟରଙ୍କୁ ଭେଟୁଛନ୍ତି। ଗୋଟିଏ ପଟେ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ପଞ୍ଚାୟତର ବିକାଶ ସମ୍ପର୍କରେ କହୁଥିବା ବେଳେ ଅନ୍ୟପଟେ ରାଜ୍ୟର ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଦଳ ସମର୍ଥିତ ପ୍ରାର୍ଥୀ ଭୋଟରଙ୍କୁ ଅବଗତ କରୁଥିବା ଦେଖିବାକୁ ମିଳିଛି। ତେବେ ପ୍ରାର୍ଥୀଙ୍କ କାର୍ଯ୍ୟଦକ୍ଷତା ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି।

# ମହିଳା ଭୋଟରଙ୍କ ମନ ଜିଣିବାକୁ ଉଦ୍ୟମ

## ବିଜେଡି ଜିଲା ପରିଷଦ ପ୍ରାର୍ଥିନୀ ରଶ୍ମିତାଙ୍କ ପ୍ରଚାର

ଖଇରା, ୧୪।୨(ଡି.ଏନ.ଏ.)



ଜିଲା ପରିଷଦ ପ୍ରାର୍ଥିନୀ ରଶ୍ମିତା ମହାପାତ୍ର ଭୋଟ ପାଇଁ ନିବେଦନ କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୪ନଂ. ଖଇରା ଜୋନରେ ବିଜେଡି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲା ପରିଷଦ ପ୍ରାର୍ଥିନୀ ରଶ୍ମିତା ମହାପାତ୍ର ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଚଳାଇଛନ୍ତି। ସେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲକ ମହିଳା ମହାସଂଘ ସଭାପତି ଭାବେ ମହିଳାମାନଙ୍କର କଲ୍ୟାଣ କରିବା ପରେ ଚଳିତବର୍ଷ ପ୍ରଥମ କରି ଜିଲା ପରିଷଦ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଞ୍ଚାୟତସ୍ତରର ହଜାର ହଜାର ସଂଖ୍ୟାର ମହିଳା ତାଙ୍କୁ ଜିତାଇବାକୁ ଅଣ୍ଟା ଭିଡିଛନ୍ତି। ସେ ବିଜୟୀ ହେଲେ ଖଇରା ଜୋନରେ ସର୍ବାଙ୍ଗୀନ ଉନ୍ନତି କରିବା ସହ ମହିଳାମାନଙ୍କ ସମସ୍ୟାର ସମାଧାନ ଲାଗି ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏହି ଜୋନ ଅଧୀନରେ ଥିବା ଖଇରା, ପଳସା, ଗୋଳିହା, ନହଙ୍ଗ, ଡୁଙ୍ଗୁରା, ଅମରିଆ, ଗୋବିନ୍ଦପୁର, ମହତିପୁର, ସାରୁଗାଁ, ସୁଣ୍ଡିରା ଆଦି ପଞ୍ଚାୟତଗୁଡ଼ିକରେ ପ୍ରଥମ ରାଉଣ୍ଡ ପ୍ରଚାର ପରେ ସୋମବାର ଖୋଲା ଜିପ୍‌ରେ ଡୁଙ୍ଗୁରା ଓ ନହଙ୍ଗ ପଞ୍ଚାୟତ ପରିକ୍ରମା କରି ଭୋଟ ଭିକ୍ଷା କରିଛନ୍ତି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତାଙ୍କୁ ସହଯୋଗ କରୁଛନ୍ତି । ଡୁଙ୍ଗୁରାରେ ପ୍ରଚାର ବେଳେ ସରପଞ୍ଚ ପ୍ରାର୍ଥି ପ୍ରକାଶ ଚନ୍ଦ୍ର ଲେଙ୍କା, ସମିତି ସଭ୍ୟ ପ୍ରାର୍ଥିନୀ କଲ୍ୟାଣି ମାଝି ଓ ନହଙ୍ଗରେ ସମିତିସଭ୍ୟ ପ୍ରାର୍ଥିନୀ ଜୟନ୍ତୀ ମହଲା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ମାରାଥନ୍ ପ୍ରଚାର

## ବାଇକ୍ ରାଲି ସହ ମିଶ୍ରଣ ପର୍ବ

ବାଲେଶ୍ୱର ଅଫିସ, ୧୪।୨

ବାଲେଶ୍ୱର ସଦର ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସନ୍ତା ୨୪ତାରିଖରେ ହେବାକୁ ଥିବା ବେଳେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରଚାର ଓ ମିଶ୍ରଣ ପର୍ବର ଆରମ୍ଭ ହୋଇଛି। ୨୯ନଂ. ଜୋନ୍‌ରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ସୋମବାର ପ୍ରଚାରକୁ ଆଗେଇ ନେବା ସହ ବାଇକ୍ ରାଲି, ମିଶ୍ରଣ ପର୍ବ ଜାରି ରଖିଛନ୍ତି। ୨୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ନାରାୟଣ ପ୍ରଧାନଙ୍କ ସମେତ ସମସ୍ତ ବିଜେଡି ସମର୍ଥିତ ସମିତିସଭ୍ୟ, ସରପଞ୍ଚ, ୱାର୍ଡ଼ମେମ୍ବରଙ୍କ ପାଇଁ ପ୍ରଚାର କରିବା ସହ ଭୋଟଭିକ୍ଷା କରିଛନ୍ତି। ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଛନ୍ତି। ସେହିପରି ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମଧ ବିଧାୟକଙ୍କ ସହ ଯୋଗଦେଇ ଲୋକଙ୍କୁ ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳର ପ୍ରମୁଖ ନେତା ଅନନ୍ତ ମଣ୍ଡଳ ଏବଂ ପୂର୍ଣ୍ଣ ଦାସଙ୍କ ସମେତ ବହୁ ସମର୍ଥକ ଅନ୍ୟ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ଦାସ ସେମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ।

# 'ବିକାଶ ତ୍ୱରାନ୍ୱିତ ଲାଗି ଭୋଟରଙ୍କ ସହଯୋଗ ଲୋଡ଼ା'



ପଢ଼ୁଁଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

## ପଢ଼ୁଁଆରେ ବିଧାୟକଙ୍କ ପ୍ରଚାର

ବାସୁଦେବପୁର, ୧୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଢ଼ୁଁଆ ପଞ୍ଚାୟତର ବିଭିନ୍ନ ୱାର୍ଡରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନିର୍ବାଚନ ସଭା କରିଛନ୍ତି। ଏଥିସହ ୧୯ ନଂ. ଜିଲା ପରିଷଦ ଜୋନ୍‌ରେ ଦଳୀୟ ପ୍ରାର୍ଥୀ ହୋଇଥିବା ଯଦୁନାଥ ନାୟକ ଓ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସ୍ନେହଲତା ଦାସ, ସମିତିସଭ୍ୟ ପ୍ରାର୍ଥୀ ନିରୁପମା ମହାଳିକ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଲାଗି ଭୋଟ୍ ନିବେଦନ କରିଛନ୍ତି। ପଢ଼ୁଁଆଠାରେ ଆୟୋଜିତ ସଭାରେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଭୋଟରଙ୍କ ସହଯୋଗ ଲୋଡ଼ିଥିଲେ। ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଭାକର ଦାସ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାର୍ଥୀଙ୍କ ସହ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ ପ୍ରମୁଖ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।

# ବିଜେଡି-ଭାଜପା ମଧ୍ୟରେ ଟକ୍କର

## ୨୩ ନଂ. ଜିଲା ପରିଷଦ ଜୋନ୍

ପାଟଣା, ୧୪।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ୨୩ନଂ. ଜୋନର ଜିଲାପରିଷଦ ଆସନ ଚଳିତବର୍ଷ ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୪ ଦଳରୁ ପ୍ରାର୍ଥୀ ହୋଇଥିବା ୪ମହିଳା ଉଚ୍ଚଶିକ୍ଷିତା ସହ ରାଜନୀତିରେ ନବାଗତ ହୋଇଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଭାଜପା ତରଫରୁ ମଙ୍ଗଳପୁର ଗାଁର ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶବିର ଦାଶଙ୍କ ସ୍ତ୍ରୀ ସଙ୍ଗୀତାରାଣୀ ପଣ୍ଡା, ବିଜେଡିରୁ ପାଟଣା ବ୍ଲକ କୁଣ୍ଡୁମୀ ସେନା ବ୍ଲକ ସାଧାରଣ ସମ୍ପାଦକ ତ୍ରିନାଥ ମହାନ୍ତଙ୍କ ସ୍ତ୍ରୀ ଡିଆନାଳୀ ଗ୍ରାମର ରୁନୁ ମହାନ୍ତ, କଂଗ୍ରେସ ପକ୍ଷରୁ କୁମୁଳାବାହାଲି ଗାଁର ପଦ୍ମାବତୀ ମହାନ୍ତ, ଆପ୍ ପକ୍ଷରୁ କୋଡଖମଣ ଗାଁର ବାସନ୍ତୀ ମହାନ୍ତ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ସିଧାସଳଖ ଟକ୍କର ହେବ ବୋଲି ରାଜନୀତି ବିଶ୍ଳେଷକ ପୂର୍ବାନୁମାନ କରିଛନ୍ତି। ସଙ୍ଗୀତା ବେସରକାରୀ ମେଡ଼ିକାଲରେ ନର୍ସ ଚାକିରୀ ଛାଡି ରାଜନୀତିରେ ଯୋଗ ଦେଇଥିବା ବେଳେ ରୁନୁ ଜଣେ ଗୃହିଣୀ। ବିଜେଡି ପ୍ରାର୍ଥୀଙ୍କ ପାଇଁ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ ଓ ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରଚାର ମଙ୍ଗ ଧରିଛନ୍ତି। ଭାଜପା ପ୍ରାର୍ଥିନୀଙ୍କ ପାଇଁ ସଦର ବିଧାୟକ ମୋହନ ଚରଣ ମାଝି ପ୍ରଚାର କରିଛନ୍ତି।

# ମଇଦାନରେ ଭାଜପା ନେତା ମୁରଲୀ ମନୋହର

ଚମ୍ପୁଆ, ୧୪।୨ (ଡି.ଏନ.ଏ.)

ନିର୍ବାଚନ ଯେତିକି ପାଖେଇ ଆସୁଛି, ଗାଁ ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ଜୋରଦାର କରି ଭୋଟରଙ୍କ ନିକଟତର ହେଉଛନ୍ତି। ଅନ୍ୟପକ୍ଷେ ହେଭିୱେଟ ନେତାଙ୍କ ଗାଡ଼ି ଏବେ ଗାଁ ମୁହାଁ ହୋଇଛି। ଭାଜପାର ବରିଷ୍ଠ ନେତା ମୁରଲୀ ମନୋହର ଶର୍ମା ସୋମବାର ଚମ୍ପୁଆ ବ୍ଲକର ଉଚ୍ଚବାଲି ପଞ୍ଚାୟତରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି। ପଥପ୍ରାନ୍ତ ସଭା କରି ଭାଜପା ସପକ୍ଷରେ ମତଦାନ ଲାଗି ଭୋଟରଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜର ଯୋଜନା କହି ବୋକା ବନାଉଥିବା ସେ କହିଥିଲେ। ଏପରିକି ଉକ୍ତ ପଞ୍ଚାୟତ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ନ ହୋଇ ଫେରିଯାଇଥିବା କହିବା ସହ ପୂର୍ବତନ ସରପଞ୍ଚମାନେ କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ ଧାନ କିଣାବିକାରେ ହେରଫେର୍ ଯୋଗୁ ଚାଷୀ ବାଧ ହୋଇ ଦଲାଲଙ୍କ ଶିକାର ହେଉଥିବା ଅଭିଯୋଗ କରିଥିଲେ। ମହିଳା ମୋର୍ଚ୍ଚା ଉପସଭାପତି ଶ୍ରଦ୍ଧାଞ୍ଜଳି କର, ପ୍ରକାଶ ମଲିକ, ମଣ୍ଡଳ ସଭାପତି ହେମନ୍ତ ମହାନ୍ତ ପ୍ରମୁଖ ୧୫ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥିନୀ ହେମଲତା ଦେହୁରୀଙ୍କୁ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ।



ପଥପ୍ରାନ୍ତ ସଭାରେ ଭାଜପା ନେତା ମୁରଲୀ ମନୋହର ଶର୍ମା ଓ ଅନ୍ୟମାନେ।

# 'ଜାଲ୍ ଡିଏସ୍‌ଆର ଉପସ୍ଥାପନ କରିଛନ୍ତି ଜିଲାପାଳ'

## ନିରପେକ୍ଷ ତଦନ୍ତ ଦାବି କଲା କଂଗ୍ରେସ

ବାଲେଶ୍ୱର ଅଫିସ, ୧୪।୨



ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ ନାୟକ ଓ ଅନ୍ୟ କଂଗ୍ରେସ କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ବାଲି ସଇରାତରୁ ପ୍ରତିଦିନ ଶହ ଶହ ହାଇୱାରେ ବାଲି ଚୋରାଚାଲାଣ ହେଉଛି। ଏନେଇ ଏନଜିଟିରେ ହୋଇଥିବା ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ଅବଜର୍ଭେଶନରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବାଲି ସଇରାତ୍ ନିଲାମ ନେଇ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ସମ୍ପୂର୍ଣ୍ଣ ଜାଲ୍ ଅଟେ। ଏଥିପାଇଁ ଅଦାଲତ ଓ ସରକାର ଭ୍ରମରେ ପଡ଼ିଛନ୍ତି। ନିରପେକ୍ଷ ତଦନ୍ତ କରି ଏଥିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ ମନିଲଣ୍ଡରିଂ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ଦାବି କରିଛି।

ଜିଲା କଂଗ୍ରେସ ଭବନରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମିଡ଼ିଆ ସେଲ୍ ଆବାହକ ସତ୍ୟପ୍ରକାଶ ନାୟକ ଏଭଳି ଦାବି କରିଛନ୍ତି। ଏ ପ୍ରସଙ୍ଗରେ ସେ କହିଥିଲେ,ଏନ୍‌ଜିଟି ତାଙ୍କ ଅବ୍‌ଜର୍ଭେଶନରେ ଉଲ୍ଲେଖ କରିଛନ୍ତି ଯେ, ଡିଷ୍ଟ୍ରିକ୍ଟ ସର୍ଭେ ରିପୋର୍ଟ (ଡିଏସ୍‌ଆର) ଜିଲାପାଳ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରସ୍ତୁତ ନ କରି ଏକ ଘରୋଇ ସଂସ୍ଥାର ରିପୋର୍ଟକୁ ଆଧାର କରି ବେଆଇନ ଭାବେ ବାଲିଖାଦାନ ନିଲାମ ଦେଇଛନ୍ତି। ଉକ୍ତ ସଇରାତ୍‌ରୁ ପ୍ରତିଦିନ ଦୁଇ ଟ୍ରିପ୍ ଟ୍ରାକ୍ଟରରେ ବାଲି ଉତ୍ତୋଳନ ଓ ପରିବହନ ପାଇଁ ଗାଇଡ୍‌ଲାଇନ୍ ରହିଥିବା ବେଳେ ପ୍ରତିଦିନ ଶହ ଶହ ହାଇୱାରେ ବାଲି ଚାଲାଣ ହେଉଛି। ଅତୀତରେ ଶାସକଦଳର ନେତାମାନେ ଲୁହାପଥର, ମାଙ୍ଗାନିଜ୍ ଓ କ୍ରୋମାଇଟ୍ ଖଣି ଲୁଟ୍ କରି ପ୍ରାୟ ୨୨ ହଜାର କୋଟି ଟଙ୍କାର ରାଜସ୍ୱ ହାନୀ କରିଥିବା ଶାହା କମିଶନ ରିପୋର୍ଟ ଦେବାପରେ ଶାସକଦଳ ଏବେ ମାଟି, ପାଣି, ସମତେ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ ଓ ବାଲି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। କେବଳ ସୁବର୍ଣ୍ଣରେଖା ନୁହେଁ ବରଂ ରାଜ୍ୟର ୧୨ଟି ନଦୀର ସଇରାତରୁ ଏଭଳି ବାଲି ଲୁଟ୍ ଚାଲିଛି। ବେଣାପୁର ସଇରାତ୍‌ରୁ ଏତେ ପରିମାଣର ବାଲି ଲୁଟ୍ ହେଉଥିଲେ ମଧ ପୋଲିସ୍, ତହସିଲଦାର, ଉପଜିଲାପାଳ, ରାଜସ୍ୱ ଅଧିକାରୀ, ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଏ ସମ୍ପର୍କରେ ତଦନ୍ତ କରୁନାହାନ୍ତି କି ଗୋଟିଏ ଟ୍ରିପ୍ ବାଲି ମଧ ଅଦ୍ୟାବଧି ଜବତ ହୋଇନାହିଁ। ରାଜ୍ୟ ସରକାର ଡିଏସ୍‌ଆର୍ ପ୍ରସ୍ତୁତ ପୂର୍ବରୁ ରାଜ୍ୟସ୍ତରରେ ଥିବା ବିଭିନ୍ନ ନୋଡ଼ାଲ ଏଜେନ୍ସି ଓ ଲାଇନ୍ ଅଫିସର ପଦାଧିକାରୀଙ୍କୁ ନେଇ ଏକ କମିଟି ମାଧ୍ୟମରେ ସଇରାତ୍ ନିଲାମ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବା କଥା। ମାତ୍ର ଜିଲାପାଳ ଏ ଦିଗରେ ପଦକ୍ଷେପ ନେଇନାହାନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଜଳସମ୍ପଦ ବିଭାଗ ଏବଂ ରାଜସ୍ୱ ବିଭାଗର ବିନା ଅନୁମତିରେ ଜିଲାପାଳ ନିୟମକୁ କେମିତି ଭାଙ୍ଗିଲେ ଓ ହାଇଲେଭଲ ଟାସ୍କ ଫୋର୍ସ ମାଧ୍ୟମରେ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ନାୟକ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଜିଲା ଉପସଭାପତି ଗୋପୀନାଥ ପାଢ଼ୀ, ସମ୍ପାଦକ ପଶୁପତି ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

